আয় কর আয়ুক্ত কেন্দ্রীয় -1, বম্বে

বনাম

মেসর্স এম্পায়ার ভূ সম্পত্তি, বম্বে

জানুআরী 29,1996

[জে. এস্. বর্মা, এস্. পি. ভরুচা এবং সুজাতা ভি. মনোহার, ন্যায়মূর্ত্তি বৃন্দ]

*আয়কর অধিনিয়ম, 1961- ধারা 187 (2) এবং 188 - আকলন - ভাগিদারী ফার্ম - ভাগিদারী দলিলরে এপরি প্রাবধান নথিলা যে ভাগীদারঙ্ক মৃত্যু সকাশে ভাগিদারী ভঙ্গ হেব নাহিঁ - ভাগীদারঙ্ক মৃত্যু - ভাগীদারী ভঙ্গ - যেতেবেলে জীবিত ভাগীদারমানে নূতন ভাগীদারী দলিল অধীনরে ব্যবসায় জারি রখন্তি সেহি ক্ষেত্ররে ধারা 188 লাগু হুএ - রায় দিআগলা যে ধারা 187 (2) লাগু হেব নাহিঁ।*

**করদাতা হেউছন্তি এক ভাগিদারী ফার্ম, যেউঁথিরে তিনি জণ ভাগীদার থিলে ।ভাগীদারমানঙ্ক মধ্যরু জণে 12.1.1974 তারিখরে মৃত্যুবরণ কলে এবং জণে ভাগীদারঙ্ক মৃত্যু পরে ভাগীদারীর জারি রখিবা বিষয়রে বিবেচনা করুথিবা ভাগিদারী দলিলরে এপরি কৌণসি প্রাবধান ন থিবারু, ভাগিদারী ভাঙ্গি গলা । ভাগীদারী ভাঙ্গিযিবার কৌণসি দলিল নিষ্পাদন করাগলা নাহিঁ কিন্তু জীবিত ভাগীদারমানে 13.1.1974 তারিখরু ব্যবসায় চলাইবা পাইঁ এক নূতন ভাগিদারী দলিল নিষ্পাদন কলে যেউঁথিরে এহা উল্লেখ করাযাইথিলা যে পূর্ব ভাগিদারী 12.1.1974 তারিখরে ভাঙ্গি যাইছি । করদাতা প্রাসঙ্গিক পূর্ব বর্ষ পাইঁ দুইটি কর ফেরস্ত দাখল করিথিলে, যথা গোটিএ থিলা 1.6.1973 রু 12.1.1974 পাইঁ এবং অন্যটি থিলা 13.1.1974 রু 30.6.1974 অবধি পাইঁ ও করদাতা এহা মধ্য দাখল করিথিলে যে পূর্ব ভাগিদারী এহার জণে ভাগীদারঙ্ক মৃত্যু পরে ভাঙ্গিযাইথিলা এবং আয়কর অধিনিয়মর ধারা 188 রে বিবেচিত হোইথিবা ভলি এহা হেউছি এক অনুক্রমিত মামলা কিন্তু এহা ধারা 187র অর্থ মধ্যরে ভাগিদারীকু পুনঃস্থাপিত করিবার এক মামলা নুহেঁ । আয়কর অধিকারী করদাতাঙ্ক মামলাকু প্রত্যাখ্যান করিথিলে ।আয়কর আয়ুক্ত (আবেদন) ঙ্ক নিকটরে**

କରାଯାଇଥିବା ଆବେଦନ ବିଫଳ ହୋଇଥିଲା । ଆୟକର ଅପିଲୀୟ ନ୍ୟାୟାଧିକରଣଙ୍କ ଆବେଦନରେ, ଉଚ୍ଚ ନ୍ୟାୟାଳୟଙ୍କର ନିଷ୍ପତ୍ତିରେ ଏକ ଦ୍ୱନ୍ଦ୍ୱ ଥିବାରୁ, ନ୍ୟାୟାଧିକରଣ ଏହି ନ୍ୟାୟାଳୟଙ୍କ ନିକଟକୁ ଏହି ପ୍ରଶ୍ନ ବିଚାରାର୍ଥେ ପ୍ରେରଣ କଲେ ଯେ ତଥ୍ୟ ଉପରେ ଏବଂ ମାମଲାର ପରିସ୍ଥିତିରେ ଏବଂ ଆଇନରେ, ନ୍ୟାୟାଧିକରଣ ତାଙ୍କ ରାୟରେ ନ୍ୟାୟସଙ୍ଗତ ଥିଲେ କି ଯେ ଏହି କ୍ଷେତ୍ରରେ ଦୁଇଟି ଆକଳନ ହେବା ଉଚିତ କାରଣ କରଦାତାଙ୍କ ମାମଲା ଅଧିନିୟମର ଧାରା **187 (2)** ର ପ୍ରବଧାନର ପରିସର ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ ନାହିଁ।

ଏହି ଆବେଦନକୁ ଖାରଜ କରିବା ସମୟରେ ସକରାତ୍ମକ ଭାବରେ ପ୍ରଶ୍ନର ଉତ୍ତର ଦେଇ, ଏହି ନ୍ୟାୟାଳୟ

ରାୟ ଦେଲେ ଯେ : **1.1.**ମୃତ୍ୟୁ ବରଣ କରିଥିବା ଭାଗୀଦାର ଏବଂ ଜୀବିତଥିବା ଭାଗୀଦାରମାନଙ୍କ ମଧ୍ୟରେ ଭାଗିଦାରୀ ଦଲିଲରେ ଏହା ଉଲ୍ଲେଖ ନଥିଲା ଯେ ଜଣେ ଭାଗୀଦାରଙ୍କ ମୃତ୍ୟୁ ଭାଗିଦାରୀକୁ ଭାଙ୍ଗି ଦେବ, ତେଣୁ ଭାଗିଦାରୀ ଅଧିନିୟମ ର ଧାରା **42** କାରଣରୁ, ଭାଗିଦାରୀମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ କାରଣରୁ **12.1.1974** ତାରିଖରେ ଭାଗିଦାରୀ ଭାଙ୍ଗି ଯାଇଥିଲା । ଏହି ମାମଲାଟି ଭାଗିଦାରୀର ସ୍ଥାପନାର କୌଣସି ପରିବର୍ତ୍ତନର ସ୍ୱରୂପ ନଥିଲା । ଏହା ଆୟକର ଅଧିନିୟମର ଧାରା **187**ର ପରିସର ବାହାରେ ରହିଛି, କାରଣ ଏହି ପ୍ରାବଧାନ ଭାଗିଦାରୀ କ୍ଷେତ୍ରରେ ଲାଗୁ ହେବ, ଯେଉଁ କ୍ଷେତ୍ରରେ ଭାଗୀଦାରଙ୍କ ମୃତ୍ୟୁ ହୋଇଛି ଏବଂ ଭାଗିଦାରୀ ଦଲିଲରେ ଉଲ୍ଲେଖ ରହିଛି ଯେ ଜଣଙ୍କର ମୃତ୍ୟୁ, ଭାଗିଦାରୀକୁ ଭାଙ୍ଗିବ ନାହିଁ । ଯେତେବେଳେ ଜୀବିତ ଭାଗୀଦାରମାନେ ଏପରି ପରସ୍ଥିତିରେ ଭାଗିଦାରୀରେ ବ୍ୟବସାୟକୁ ଜାରି ରଖିଲେ , ସେତେବେଳେ ଧାରା **188** କୁ ଲାଗୁ କରାଗଲା କାରଣ ଅନ୍ୟ ଏକ ଭାଗିଦାରୀ ଦ୍ୱାରା ତାହାକୁ ଅନୁକ୍ରମିତ କରାଯାଇଥିଲା ।

*ୱାଜିଦ୍ ଅଲି ଆବିଦ୍ ଅଲି ବନାମ ଆୟକର ଆୟୁକ୍ତ* ଲକ୍ଷ୍ନୌ, **169 I.T.R. 761 SC,** ମାମଲା ଉପରେ ନିର୍ଭର କରାଗଲା ।

*ଆୟକର ଆୟୁକ୍ତ ବନାମ ବସନ୍ତ ବିହାରୀ ଗୋପାଳ ବିହାରୀ* ଏବଂ କୋ , 172 *I.T.R. 662 ଏବଂ ଆୟକର* ଆୟୁକ୍ତ ବନାମ ଇନ୍ଦ୍ରଲୋକ ପିକ୍ଚର୍ ପ୍ୟାଲେସ୍, **188 I.T.R. 730** ମାମଲାଗୁଡ଼ିକୁ ପୃଥକ କରାଗଲା ।

ଦେୱାନୀ ମୂଳ ଅଧିକରିତା : କର ବିଚାରାର୍ଥେ ପ୍ରେରଣ ମାମଲା ସଂଖ୍ୟା 13-14/1983

(ଆୟକର ଅଧିନିୟମ, 1961ର ଧାରା 257 ଅନୁଯାୟୀ)

ଆବେଦନକାରୀଙ୍କ ତରଫରୁ ଡକ୍ଟର ଆର୍. ଆର୍. ମିଶ୍ର, ରଣବୀର ଚନ୍ଦ୍ର ଏବଂ ଏସ୍. ଏନ୍. ଟର୍ଡୋଲ୍ ।

ନ୍ୟାୟମୂର୍ତ୍ତି ଭରୁଚାଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିରେ ଏକ ଦ୍ୱନ୍ଦ୍ୱ ଥିବାରୁ, ଆୟକର ଅପିଲୀୟ ନ୍ୟାୟାଧିକରଣ ଆୟକର ଅଧିନିୟମ, 1961 ର ଧାରା 257 ଅନୁଯାୟୀ ଏହି ନ୍ୟାୟାଳୟଙ୍କ ନିକଟକୁ ନିମ୍ନଲିଖିତ ପ୍ରଶ୍ନକୁ ବିଚାରାର୍ଥେ ପ୍ରେରଣ କରିଛନ୍ତି :

" ମାମଲାର ତଥ୍ୟ ଏବଂ ପରିସ୍ଥିତି ଏବଂ ଆଇନ ଦୃଷ୍ଟିରୁ, ନ୍ୟାୟାଧିକରଣ ଏହି ରାୟରେ ନ୍ୟାୟସଙ୍ଗତ ଥିଲେ କି ଯେ ଏଠାରେ ଦୁଇଟି ଆକଳନ ହେବା ଉଚିତ, ଅର୍ଥାତ ଗୋଟିଏ 1.6.1973 ରୁ 12.1.1974 ଅବଧି ପାଇଁ ଏବଂ ଅନ୍ୟଟି 13.1.1974 ରୁ 30.6.1974 ଅବଧି ପାଇଁ, କାରଣ କରଦାତାଙ୍କ ମାମଲା ଆୟକର ଅଧିନିୟମ, 1961 ର ଧାରା 187 (2) ର ପ୍ରାବଧାନର ପରିସର ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ ନାହିଁ।

ପ୍ରାସଙ୍ଗିକ ଆକଳନ ବର୍ଷ ହେଉଛି 1975-76 । ପ୍ରାସଙ୍ଗିକ ହିସାବ ବର୍ଷ 30 ଜୁନ୍, 1974 ତାରିଖରେ ସମାପ୍ତ ହୋଇଥିଲା ।

କରଦାତା ହେଉଛନ୍ତି ଏକ ଭାଗିଦାରୀ ଫାର୍ମ । ଏହାକୁ ଏକ ଭାଗିଦାରୀ ଦଲିଲ ଅନୁଯାୟୀ 18th ଜୁଲାଇ 1968 ତାରିଖରେ ସ୍ଥାପିତ କରାଗଲା । ଶ୍ରୀମତୀ ଏଲେନ୍ କେକି ମୋଦୀ, ଶ୍ରୀ ରୁସ୍ତମ କେକି ମୋଦୀ ଏବଂ ସୁଶ୍ରୀ ମାନେକ୍ କେକି ମୋଦୀ ଏହାର ତିନି ଜଣ ଭାଗୀଦାରୀ ଥିଲେ । ଶ୍ରୀମତୀ ଏଲେନ୍ ମୋଦୀଙ୍କର ଜାନୁଆରୀ 12, 1974 ତାରିଖରେ ଦେହାନ୍ତ ହୋଇଥିଲା ।ଭାଗିଦାରୀ ଦଲିଲରେ ଭାଗିଦାରୀ ଜାରି ରଖିବା ବିଷୟରେ କୌଣସି ପ୍ରାବଧାନ ନ ଥିବାରୁ ଭାଗୀଦାରଙ୍କ ମୃତ୍ୟୁ କ୍ଷେତ୍ରରେ ଭାଗିଦାରୀ ଜାରି ରଖିବା ବିଷୟରେ ବିଚାର କରାଯାଇ ନଥିଲା, ତେଣୁ ଭାଗିଦାରୀ ଭାଙ୍ଗି ଗଲା । ଭାଗୀଦାରୀ ଭାଙ୍ଗି ଯିବାର କୌଣସି ଦଲିଲ ନିଷ୍ପାଦନ କରାଗଲା ନାହିଁ କିନ୍ତୁ ଜୀବିତ ଭାଗୀଦାରମାନେ 13.1.1974 ତାରିଖରୁ ବ୍ୟବସାୟ ଚଳାଇବା ପାଇଁ ଏକ ନୂତନ ଭାଗିଦାରୀ

ଦଲିଲ ନିଷ୍ପାଦନ କଲେ ଯେଉଁଥିରେ ଏହା ଉଲ୍ଲେଖ କରାଯାଇଥିଲା ଯେ ପୂର୍ବ ଭାଗିଦାରୀ 12.1.1974 ତାରିଖରେ ଭାଙ୍ଗି ଯାଇଛି ।

କକରଦାତା ପ୍ରାସଙ୍ଗିକ ପୂର୍ବ ବର୍ଷ ପାଇଁ ଦୁଇଟି କର ଫେରସ୍ତ ଦାଖଲ କରିଥିଲେ, ଯଥା ଗୋଟିଏ ଥିଲା ଜୁନ୍ 1, 1973 ରୁ ଜାନୁଆରୀ 12, 1974 ପାଇଁ ଏବଂ ଅନ୍ୟଟି ଥିଲା ଜାନୁଆରୀ 13,1974 ରୁ ଜୁନ୍ 30,1974 ଅବଧି ପାଇଁ । ଏହା ଯୁକ୍ତି ବାଢିଥିଲେ ଯେ 12 ଜାନୁଆରୀ, 1974 ରେ ଶ୍ରୀମତୀ ଏଲେନ୍ ମୋଦୀଙ୍କ ମୃତ୍ୟୁ ପରେ ପୂର୍ବ ଭାଗିଦାରୀ ଭାଙ୍ଗି ଯାଇଥିଲା ଏବଂ ତେଣୁ ଏହା ଅଧିନିୟମର ଧାରା 188 ଅନୁଯାୟୀ ବିବେଚିତ ଅନୁକ୍ରମିତ ମାମଲା ଥିଲା, କିନ୍ତୁ ଏହା ଧାରା 187ର ଅର୍ଥ ମଧ୍ୟରେ ଭାଗିଦାରୀକୁ ପୁନଃସ୍ଥାପିତ କରିବାର ଏକ ମାମଲା ନଥିଲା । ଆୟକର ଅଧିକାରୀ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କଲେ ।ଆୟକର ଆୟୁକ୍ତ (ଆବେଦନ) ଙ୍କ ନିକଟରେ କରାଯାଇଥିବା ଆବେଦନ ବିଫଳ ହେଲା । ଏହା ପରେ କରଦାତା ନ୍ୟାୟାଧିକରଣ ରେ ଆବେଦନ କରିଥିଲେ ।ନ୍ୟାୟାଧିକରଣ ଉଲ୍ଲେଖ କଲେ ଯେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର ଆୟକର ଆୟୁକ୍ତ ବନାମ କୁଞ୍ଜି ବିହାରୀ ଶ୍ୟାମ ଲାଲ, 109 I.T.R. 154, ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଅତିରିକ୍ତ ଆୟୁକ୍ତ ବନାମ ବିନାୟକ ସିନେମା 110 I.T.R. 468 , ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର ଅତିରିକ୍ତ ଆୟକର ଆୟୁକ୍ତ ବନାମ ହରଜୀବନଦାସ ହାତୀଭାଇ 108 I.T.R. 517 ଏବଂ ଏକ ପକ୍ଷରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର ମଥୁରାଦାସ ଗୋବର୍ଦ୍ଧନଦାସ ବନାମ ଆୟକର ଆୟୁକ୍ତ 125 I.T.R. 470 ଏବଂ ଅନ୍ୟ ପକ୍ଷରେ ପଞ୍ଜାବ ଉଚ୍ଚ ନ୍ୟାୟାଳୟଙ୍କର ନନ୍ଦଲାଲ ସୋହନଲାଲ ବନାମ ଆୟକର ଆୟୁକ୍ତ 110 I.T.R. 170 ଏବଂ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର ସଙ୍ଗମ ସିଲ୍କସ୍ ବନାମ ଆୟକର ଆୟୁକ୍ତ , 122 I.T.R. 479 ମାମଲାଗୁଡ଼ିକରେ ଦିଆଯାଇଥିବା ରାୟରେ ମତ ପାର୍ଥକ୍ୟ ରହିଛି । ପୂର୍ବରୁ ଉଲ୍ଲେଖ କରାଯାଇଥିବା ଉଚ୍ଚ ନ୍ୟାୟାଳୟଗୁଡ଼ିକର ମତକୁ ନ୍ୟାୟାଧିକରଣ ଅନୁସରଣ କଲେ । ଏହା ଧରି ନେଲେ ଯେ କରଦାତା ଙ୍କ ମାମଲା ଧାରା187 ଅନୁଯାୟୀ "ଫାର୍ମର ସ୍ଥାପନାରେ ପରିବର୍ତ୍ତନ" ଅଭିବ୍ୟକ୍ତି ମଧ୍ୟରେ ପରିସର ଭୁକ୍ତ ହୁଏ ନାହିଁ ଏବଂ ଆୟ କର ଅଧିକାରୀଙ୍କୁ ସମ୍ପୃକ୍ତ ପୂର୍ବ ବର୍ଷର ଦୁଇଟି ଉପରୋକ୍ତ ଅବଧି ପାଇଁ ଆକଳନ କରିବାକୁ ନିର୍ଦ୍ଦେଶ ଦେଲେ ।

ଯେତେଦୂର ପ୍ରାସଙ୍ଗିକ, ଧାରା 187,ନିମ୍ନମତେ ପ୍ରାବଧାନ ରଖେ :

"187. (i) ଯେଉଁ କ୍ଷେତ୍ରରେ ଧାରା 143 କିମ୍ବା ଧାରା 144 ଅନୁଯାୟୀ ଆକଳନ କରିବା ସମୟରେ ଏହା ଜଣାପଡ଼େ ଯେ ଏକ ଫାର୍ମର ସ୍ଥାପନାରେ ପରିବର୍ତ୍ତନ ହୋଇଛି, ସେହି କ୍ଷେତ୍ରରେ ସ୍ଥାପିତ ଫାର୍ମ ଉପରେ ଆକଳନ , ସେହି ସମୟ ଅନୁଯାୟୀ କରାଯିବ ।

(2) ଏହି ଧାରାର ଉଦ୍ଦେଶ୍ୟ ପାଇଁ, ଫାର୍ମର ସ୍ଥାପନାରେ ପରିବର୍ତ୍ତନ ହୋଇଛି -

(a) ଯଦି ଏକ କିମ୍ବା ଅଧିକ ଭାଗୀଦାର ଅଂଶୀଦାର ହେବା ବନ୍ଦ କରନ୍ତି କିମ୍ବା ଏକ କିମ୍ବା ଅଧିକ ନୂତନ ଭାଗୀଦାରଙ୍କୁ ଫାର୍ମରେ ସାମିଲ କରାଯାଏ, ଏପରି ପରିସ୍ଥିତିରେ ପରିବର୍ତ୍ତନ ପୂର୍ବରୁ ଫାର୍ମର ଭାଗୀଦାର ଥିବା ଏକ କିମ୍ବା ଅଧିକ ବ୍ୟକ୍ତି ପରିବର୍ତ୍ତନ ପରେ ଭାଗୀଦାର ଭାବରେ ଜାରି ରୁହନ୍ତି; କିମ୍ବା

(b) ଯେଉଁଠାରେ ସମସ୍ତ ଭାଗୀଦାର ନିଜ ନିଜ ଅଂଶରେ କିମ୍ବା ସେମାନଙ୍କ ମଧ୍ୟରୁ କେତେକ ଅଂଶରେ ପରିବର୍ତ୍ତନ କରି ଫାର୍ମରେ ଭାଗିଦାରୀ ଜାରି ରଖନ୍ତି । "

ଧାରା 188 ନିମ୍ନମତେ ପ୍ରାବଧାନ ରଖେ :

"188.ଯଦି କୌଣସି ବ୍ୟବସାୟ କିମ୍ବା ବୃତ୍ତି ଚଳାଇଥିବା କୌଣସି ଫାର୍ମ ଅନ୍ୟ କୌଣସି ଫାର୍ମ ଦ୍ୱାରା ଅନୁକ୍ରମିତ ହୋଇଥାଏ, ଏବଂ ମାମଲାଟି ଧାରା 187 ଦ୍ୱାରା ପରିଚାଳିତ ହୋଇନାଥାଏ , ତେବେ ଧାରା 170 ର ପ୍ରାବଧାନ ଅନୁଯାୟୀ ପୂର୍ବ ଫାର୍ମ ଏବଂ ଅନୁକ୍ରମିତ ଫାର୍ମ ଉପରେ ପୃଥକ ଆକଳନ କରାଯିବ ।

ଏହା ଧ୍ୟାନ ଦେବା ଆବଶ୍ୟକ ଯେ କର ଆଇନ (ସଂଶୋଧନ) ଅଧିନିୟମ, 1984 ଦ୍ୱାରା ଧାରା 187 ରେ ଏକ ପ୍ରାବଧାନ 1 ଏପ୍ରିଲ, 1975 ରୁ ପିଛିଲା ପ୍ରଭାବ ସହିତ ଅନ୍ତର୍ଭୁକ୍ତ କରାଯାଇଥିଲା, ଯାହା ନିମ୍ନମତେ ପ୍ରାବଧାନ ରଖେ :

" ଉଲ୍ଲେଖଥାଉକି, ଖଣ୍ଡ (a) ରେ ଥିବା କୌଣସି ବିଷୟ ଏପରି କୌଣସି ମାମଲାରେ ଲାଗୁ ହେବ ନାହିଁ, ଯେଉଁଠି କୌଣସି ଭାଗୀଦାରଙ୍କ ମୃତ୍ୟୁ ପରେ ଫାର୍ମଟି ଚାଲୁ ରହି ନାହିଁ ।

ଶ୍ରୀମତୀ ଏଲେନ୍ ମୋଦୀ 12 ଜାନୁଆରୀ, 1974 ରେ ମୃତ୍ୟୁବରଣ କରିବା ପରେ, କରଦାତାଙ୍କ ମାମଲା ଏହି ପ୍ରାବଧାନ ଦ୍ୱାରା ପ୍ରଭାବିତ ହୁଏ ନାହିଁ ।

ଭାରତୀୟ ଭାଗୀଦାରୀ ଅଧିନିୟମର ଧାରା 42, ଯେତେଦୂର ପ୍ରାସଙ୍ଗିକ, ସେଥିରେ ନିମ୍ନମତେ ପ୍ରାବଧାନ ରହିଛି : ଜି.

"42. ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିର ବଶବର୍ତ୍ତୀ ରହି, ଏକ ଫାର୍ମକୁ ଭାଙ୍ଗି ଦିଆଯାଏ -

(a) ..............

(b) ..............

(c) ଜଣେ ଭାଗୀଦାରଙ୍କ ମୃତ୍ୟୁ ହେତୁ ; ଏବଂ

(d) ...... ''

ଶ୍ରୀମତୀ ଏଲେନ୍ ମୋଦୀ ଏବଂ ତାଙ୍କ ପରେ ଜୀବିତ ରହିଥିବା ଭାଗୀଦାରମାନଙ୍କ ମଧ୍ୟରେ ହୋଇଥିବା ଭାଗିଦାରୀ ଦଲିଲ ଏହା ପ୍ରାବଧାନ ରଖେ ନାହିଁ  ଯେ ଦଲିଲରେ ଭାଗୀଦାରଙ୍କ ମୃତ୍ୟୁ, ଭାଗିଦାରୀକୁ ଭାଙ୍ଗ କରିବ ନାହିଁ ।ତେଣୁ, ଭାଗିଦାରୀ ଅଧିନିୟମର ଧାରା 42 କାରଣରୁ, ଶ୍ରୀମତୀ ଏଲେନ୍ ମୋଦୀଙ୍କ ମୃତ୍ୟୁ କାରଣରୁ, ଏହି ଭାଗିଦାରୀ 12 ଜାନୁଆରୀ, 1974ରେ ଭାଙ୍ଗିଗଲା । ନ୍ୟାୟାଧିକରଣ  ଏହି ତଥ୍ୟକୁ ସଠିକ ରୂପେ ପାଇଥିଲେ ।

ଧାରା 188 ପ୍ରାବଧାନ ରଖେ ଯେ ଯଦି କୌଣସି ବ୍ୟବସାୟ ଚଳାଇଥିବା କୌଣସି ଫାର୍ମ ଅନ୍ୟ କୌଣସି ଫାର୍ମ ଦ୍ୱାରା ଅନୁକ୍ରମିତ ହୋଇଥାଏ, ଏବଂ ମାମଲାଟି ଧାରା 187 ଦ୍ୱାରା ପରିଚାଳିତ ହୋଇନଥାଏ , ତେବେ ସେହି କ୍ଷେତ୍ରରେ ପୂର୍ବ ଫାର୍ମ ଏବଂ ଅନୁକ୍ରମିତ ଫାର୍ମ ଉପରେ ପୃଥକ ଆକଳନ କରାଯିବ ।ଧାରା 187ରେ କୁହାଯାଇଛି ଯେ, ଯଦି କୌଣସି ଆକଳନ କରିବା ସମୟରେ ଏହା ଜଣାପଡ଼େ ଯେ କୌଣସି ଫାର୍ମର ସ୍ଥାପନାରେ ପରିବର୍ତ୍ତନ ହୋଇଛି, ତେବେ ଆକଳନ କରିବା ସମୟରେ ସ୍ଥାପିତ ହୋଇଥିବା ଫାର୍ମ ଉପରେ ଆକଳନ କରାଯିବ । "ଫାର୍ମର ସ୍ଥାପନାରେ ପରିବର୍ତ୍ତନ "ଏହି ଉଦ୍ଦେଶ୍ୟ ପାଇଁ ବ୍ୟାଖ୍ୟା କରାଯାଇଛି । ସଂଜ୍ଞାର ପ୍ରାସଙ୍ଗିକ ଅଂଶରେ କୁହାଯାଇଛି ଯେ ଯଦି ଏକ କିମ୍ବା ଅଧିକ ଭାଗୀଦାର ଏପରି ପରିସ୍ଥିତିରେ ଭାଗୀଦାର ହେବା ବନ୍ଦ କରନ୍ତି ଯେ ପରିବର୍ତ୍ତନ ପୂର୍ବରୁ ଫାର୍ମର ଭାଗୀଦାର ଥିବା ଏକ କିମ୍ବା ଅଧିକ ବ୍ୟକ୍ତି ପରିବର୍ତ୍ତନ ପରେ ଭାଗୀଦାର କିମ୍ବା ଭାଗୀଦାର ଭାବରେ ଜାରି ରୁହନ୍ତି, ତେବେ ଫାର୍ମର ସ୍ଥାପନାରେ ପରିବର୍ତ୍ତନ ହେବ । ଏହି ପ୍ରାବଧାନଗୁଡ଼ିକ ଭାଗୀଦାରଙ୍କ ମୃତ୍ୟୁ ପରେ ତିଷ୍ଠିଥିବା ଏକ ଫାର୍ମ ପାଇଁ ପ୍ରଯୁଜ୍ୟ ହେବ । ସେଗୁଡ଼ିକୁ ଏକ ଭାଗିଦାରୀ ମାମଲାରେ ପ୍ରୟୋଗ କରାଯିବ ଯେଉଁଠାରେ ଦଲିଲରେ ଥିବା ଭାଗୀଦାର ମୃତ୍ୟୁବରଣ କରନ୍ତି ଏବଂ ଭାଗିଦାରୀ ଦଲିଲ ପ୍ରାବଧାନ ରଖେ ଯେ ମୃତ୍ୟୁ, ଏପରି ଭାଗିଦାରୀକୁ ଭାଙ୍ଗି ଦେବ ନାହିଁ । ଭାଗିଦାରୀ ଅଧିନିୟମର ଧାରା  42 ଦ୍ୱାରା ବିବେଚିତ ହୋଇଥିବା ଭଳି ଏପରି ପ୍ରାବଧାନ ଆଇନ ସମ୍ମତ  । ଯଦି ଏପରି କୌଣସି ପ୍ରାବଧାନ ନାହିଁ ଏବଂ ଯଦି ଜଣେ ଭାଗୀଦାରଙ୍କ ମୃତ୍ୟୁ ହୁଏ, ତେବେ ଭାଗିଦାରୀ ଭାଙ୍ଗିଯାଏ । ଭାଗୀଦାରଙ୍କ ମୃତ୍ୟୁ ପରେ ଭାଗିଦାରୀ ତିଷ୍ଠି ରହିବ ନାହିଁ । ଏହି ମାମଲା ଭାଗିଦାରୀର ସ୍ଥାପନାର ପରିବର୍ତ୍ତନ ମଧ୍ୟରୁ ଗୋଟିଏ ନୁହେଁ । ଏହା, ଧାରା 187ର

ପରିସର ବାହାରେ ରହିଛି ।ଯେତେବେଳେ ଏପରି କ୍ଷେତ୍ରରେ ଜୀବିତ ଭାଗୀଦାରମାନେ ଭାଗିଦାରୀରେ ବ୍ୟବସାୟ ଜାରି ରଖନ୍ତି, ସେହି କ୍ଷେତ୍ରରେ ଧାରା 188 ଲାଗୁ ହୁଏ କାରଣ ଅନ୍ୟ ଏକ ଭାଗିଦାରୀ ଦ୍ୱାରା ଆଉ ଗୋଟିଏକୁ ଅନୁକ୍ରମିତ କରାଯାଇଛି ।

ଏଠାରେ ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ଉଲ୍ଲେଖ କରିବା ଅନାବଶ୍ୟକ, କାରଣ ନ୍ୟାୟାଧିକରଣ ସିଧାସଳଖ ଏହି ନ୍ୟାୟାଳୟଙ୍କୁ ମାମଲାଟିକୁ ବିଚାରାର୍ଥେ ପ୍ରେରଣ କରିଥିଲେ , କାରଣ ଆମେ ଏହି ତଥ୍ୟ ପାଉଛୁ ଯେ ୱାଜିଦ୍ ଅଲି ଆବିଦ୍ ଅଲି ବନାମ ଆୟକର ଆୟୁକ୍ତ ଲକ୍ଷ୍ନୌ, 169 I.T.R. 761 ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ଦ୍ୱାରା ଏହି ପ୍ରସଙ୍ଗଟି ଅନ୍ତର୍ଭୁକ୍ତ । ଏହି ରାୟର ପ୍ରାସଙ୍ଗିକ ଅନୁଚ୍ଛେଦଟି ନିମ୍ନମତେ ଦିଆଗଲା :

> " ଯେତେଦୂର ପର୍ଯ୍ୟନ୍ତ ଦେୱାନୀ ଆବେଦନ ସଂଖ୍ୟା 609/1975 ଜଡ଼ିତ , ସେହି କ୍ଷେତ୍ରରେ ପ୍ରଶ୍ନ ହେଉଛି, ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଶ୍ରୀ ସାରାଭାଇ ଚିମନଲାଲଙ୍କ ମୃତ୍ୟୁ ତାରିଖରେ ଭାଗିଦାରୀ କୌଣସି ପ୍ରକାରେ ଭାଙ୍ଗି ଯାଇଥିଲା କି ଏବଂ ସେହି କ୍ଷେତ୍ରରେ ଦୁଇଟି ପୃଥକ ଆକଳନ ହେବା ଉଚିତ କି ଏବଂ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଧାରା 187 (2) ର ପ୍ରାବଧାନ ଲାଗୁ ହେବ କି ? ସେଠାରେ,ଉଚ୍ଚ ନ୍ୟାୟାଳୟ ସେହି ମାମଲାର ତଥ୍ୟକୁ ଅନୁଧ୍ୟାନ କରି ଜାଣିବାକୁ ପାଇଲେ ଯେ କରଦାତାଙ୍କ ଯୁକ୍ତି ଠିକ୍ ଥିଲା ଯେ ନ୍ୟାୟାଧିକରଣଙ୍କ ଦ୍ୱାରା ଦର୍ଶାଯାଇଥିବା ଭଳି ଫାର୍ମଟି ଏଠାରେ ଭାଙ୍ଗି ଯାଇଥିଲା ଏବଂ ପରିଶେଷରେ ଏହାର ବକେୟାକୁ ପରିଶୋଧ କରିବା ପାଇଁ ଅବଶିଷ୍ଟ ପକ୍ଷମାନଙ୍କ ସହ କାରବାର କରାଯାଇଥିଲା । ତଦନୁସାରେ, ଉଚ୍ଚ ନ୍ୟାୟାଳୟ ସକାରାତ୍ମକ ଭାବେ ଯଥାର୍ଥ ଉତ୍ତର ଦେଇଥିଲେ ଏବଂ କରଦାତାଙ୍କ ସପକ୍ଷରେ ଦେଇଥିଲେ । ବାସ୍ତବରେ, ନ୍ୟାୟାଧିକରଣଙ୍କ ଦ୍ୱାରା ଦର୍ଶାଇଥିବା ଭଳି ଏଠାରେ ଫାର୍ମ ଟି ଭାଙ୍ଗି ଯାଇଥିଲା ଏବଂ ସେହି ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ଏବଂ ଭାଙ୍ଗି ଯିବା ପରେ, ଫାର୍ମର ଅସ୍ତିତ୍ୱ ସମାପ୍ତ ହୋଇଯାଇଥିଲା, ତେଣୁ ଏଠାରେ ଦୁଇଟି ପୃଥକ ଆକଳନ ହେବା ଉଚିତ । ପୂର୍ବ ଭଳି ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନର ସଠିକ୍ ଉତ୍ତର ଦେଇଥିଲେ । ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦେବାରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ଠିକ୍ ଥିଲେ ବୋଲି ଆମ୍ଭମାନଙ୍କୁ ପ୍ରତୀୟମାନ ହୁଏ, କାରଣ ଏଥିରେ ଏକ ମୃତ୍ୟୁ ଘଟିଛି ବୋଲି ଦର୍ଶାଯାଇଥିଲା ଏବଂ ପକ୍ଷମାନେ ଯେଉଁ ଢଙ୍ଗରେ କାର୍ଯ୍ୟ କରିଥିଲେ ସେହି ଢଙ୍ଗରେ ଫାର୍ମର ଟି ଭାଙ୍ଗିଯାଇଥିଲା, ତେଣୁ ସେହି ଫାର୍ମଟିକୁ ଜାରି ରଖିବାର

କୌଣସି ପ୍ରଶ୍ନ ନାହିଁ ଏବଂ ତଥ୍ୟଗୁଡ଼ିକର ପରସ୍ପର ବିରୋଧାଭାଷକୁ ଦୃଷ୍ଟିରେ ରଖି ଏଠାରେ ଧାରା 187 (2) ର ପ୍ରାବଧାନ ଲାଗୁ ହେବ ବୋଲି କୁହାଯାଇପାରିବ ନାହିଁ।

ରାଜସ୍ୱ ବିଭାଗ ପାଇଁ ବିଦ୍ୱାନ ଅଧିବକ୍ତା ଆଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କର ଦୁଇଟି ରାୟକୁ ଉଲ୍ଲେଖ କରିଥିଲେ ଯେଉଁଥିରେ ୱାଜିଦ୍ ଅଲି ଆବିଦ୍ ଅଲ୍ଲୀଙ୍କ ରାୟକୁ ଉଦାହରଣ ରୂପେ ଦର୍ଶାଯାଇଥିଲା । ଆୟକର ଆୟୁକ୍ତ ବନାମ ବସନ୍ତ ବିହାରୀ ଗୋପାଳ ବିହାରୀ ଏବଂ କୋ , 172 I.T.R. 662, ମାମଲାରେ ନ୍ୟାୟାଧିକରଣ ଏହା ଜାଣିବାକୁ ପାଇଥିଲେ ଯେ ଭାଗିଦାରୀ ଦଲିଲରେ କୁହାଯାଇଛି ଯେ କୌଣସି ଭାଗୀଦାରଙ୍କ ମୃତ୍ୟୁ ପରେ ଭାଗିଦାରୀ ଭାଙ୍ଗି ଯିବ ନାହିଁ ଏବଂ ଭାଗୀଦାରଙ୍କ ମୃତ୍ୟୁ ପରେ ଭାଗିଦାରୀ ପ୍ରକୃତରେ ଭାଙ୍ଗି ଯାଇଥିଲା ବୋଲି ସୂଚିତ କରିବା ପାଇଁ ଏଠାରେ କୌଣସି ପ୍ରମାଣ ନାହିଁ। ତଦନୁସାରେ, ଏହା ଧରିନିଆଯାଇଥିଲା ଯେ ସେହି ଭାଗୀଦାରଙ୍କ ମୃତ୍ୟୁ ହେତୁ ଭାଗିଦାରୀର ସ୍ଥାପନାରେ ପରିବର୍ତ୍ତନ ହୋଇଥିଲା ଏବଂ ସମଗ୍ର ଆକଳନ ବର୍ଷ ପାଇଁ କେବଳ ଗୋଟିଏ ହିଁ ଆକଳନ କରାଯାଇପାରିବ । ଆୟକର ଆୟୁକ୍ତ ବନାମ ଇନ୍ଦ୍ରଲୋକ ପିକ୍ଚର୍ ପ୍ୟାଲେସ୍, 188 I.T.R. 730, ମାମଲାରେ ମଧ୍ୟ, ଭାଗିଦାରୀ ଦଲିଲରେ ଏପରି ପ୍ରାବଧାନ ରଖାଯାଇଥିଲା ଯେ ଜଣେ ଭାଗୀଦାରଙ୍କ ମୃତ୍ୟୁ ଫଳରେ ଫାର୍ମଟି ଭାଙ୍ଗି ଯିବ ନାହିଁ । ଜଣେ ଭାଗୀଦାରଙ୍କ ମୃତ୍ୟୁ ହୋଇଛି । କରଦାତା ଦୁଇଟି କର ଫେରସ୍ତ ଦାଖଲ କରିଥିଲେ । ଆୟକର ଅଧିକାରୀ ଏହି ମତ ପୋଷଣ କରିଥିଲେ ଯେ ଏହା ଭାଗିଦାରୀ ପୁନଃସ୍ଥାପନାର ଏକ ମାମଲା ଏବଂ ଅବଧିଗୁଡ଼ିକୁ ଏକତ୍ର କରି, ସେ ଗୋଟିଏ ଆକଳନ କରିଥିଲେ ।ଉଚ୍ଚ ନ୍ୟାୟାଳୟ ତାଙ୍କ ମତକୁ ସମର୍ଥନ କରିଥିଲେ ।ଏହି ଉଭୟ କ୍ଷେତ୍ରରେ, ଭାଗିଦାରୀ ଦଲିଲ ପ୍ରାବଧାନ ରଖିଥିଲା ଯେ ଜଣେ ଭାଗୀଦାରଙ୍କ ମୃତ୍ୟୁ ଭାଗିଦାରୀକୁ ଭାଙ୍ଗି ଦେବ ନାହିଁ । ତେଣୁ ଜଣେ ଭାଗୀଦାରଙ୍କ ମୃତ୍ୟୁ ଭାଗିଦାରୀକୁ ଅକାମୀ କରି ନଥିଲା ଏବଂ ପୁନଃସ୍ଥାପିତ ଭାଗୀଦାରୀ ଦ୍ୱାରା ବ୍ୟବସାୟ ଜାରି ରହିଥିଲା ।

ଫଳସ୍ୱରୂପ, ଆମେ ଏହି ପ୍ରଶ୍ନର ଉତ୍ତର ସକାରାତ୍ମକ ଭାବରେ ଏବଂ କରଦାତାଙ୍କ ସପକ୍ଷରେ ଦେଉଛୁ । ଏହି କ୍ଷେତ୍ରରେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ।

ଆର୍. ଏ. ଆବେଦନଟିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।